ବ୍ୟାସଙ୍କ ଦ୍ୱାରା ଧୃତରାଷ୍ଟ୍ର, ପଣ୍ଡୁ ଓ ବିଦୁରଙ୍କ ଜନ୍ମ
ପାରେଶ୍ୱର ବୋଇଲେ ତୁମ୍ଭେ ଶୁଣ ଗୋ ସତ୍ୟବତି
ଅମ୍ବିକା ଅମ୍ବାଳିକା ତିଆର ଦୁହିନ୍ତି । ୧ ।
ବଂଶେଣ ପୁତ୍ର ଗୋ ଉପୁଜେ ଯେମନ୍ତେ
ବଧୂନ୍ତ ପଠିଆଅ ବ୍ୟାସଙ୍କ ସମେତେ । ୨ ।
ବ୍ୟାସ ଋଷି କରନ୍ତୁ ବଧୂନ୍ତ ରମଣ
ସନ୍ତାନ ଉପୁଜିବ ବଂଶକୁ ହୋଇବ କାରଣ । ୩ ।
ସତ୍ୟବତୀ ବୋଇଲେ ସ୍ୱାମି ହୋଅଇକି ୟେମନ୍ତ
ଦେଢଶୁର ଭାଇବୋହୁ ଅଗ୍ରାହ୍ୟ ଅତିଅନ୍ତ । ୪ ।

----------

୪ ସତ୍ୟବତୀ ବୋଇଲେ ସ୍ୱାମି ହୋଅଇକି ୟେମନ୍ତ ପ୍ରକାର
ଜ୍ୟେଷ୍ଠ ଶ୍ୱଶୁର ଯେ ଭ୍ରାଥାବଧୂ ବହୁତ ଅନ୍ତର ।
୮ ।୨ ବଞ୍ଚିତେ ନୁଆରିଣ-ବଞ୍ଚିବାକୁ ନ ପାରି ।

ୟେତେକ ବିଚାରି ଚଳିଲେ ସତ୍ୟବତୀ
ଅମ୍ବିକା ଭୁବନେ ଯାଇଂ ବିଜୟେ ମହାସତୀ । ୫ ।
ଦେଖିଣ ପୂଜାବିଧି କଲେକ ଯୋଗେଶ୍ୱରୀ
ଗୁରୁପତ୍ନୀଙ୍କ ପାଦେ ପ୍ରଳମ୍ବିତ କରି । ୬ ।
ଶରୀର ଆଶ୍ୱସନା କଲେକ ସତ୍ୟବତୀ
ବଇକୁଲ୍ୟ ହୋଇଂ ଭାଷନ୍ତି ଉକତି । ୭ ।
ୟେତେ ବଡ ବଂଶ ନାଶ ଗଲାକ ଅନମିତ୍ତେ
ଭସ୍ମଗଲାର ଗୋ ପୁଣ ଅଙ୍କୁରଇ କେମନ୍ତେ । ୮ ।
ସନ୍ତାନ ଜାତକୁ ଅଛଇଟିକି ବୁଦ୍ଧି
କେମନ୍ତେ ଉପାୟେ ଗୋ କରିବା କାର୍ଯ୍ୟ ସିଦ୍ଧି । ୯ ।
କରପତ୍ର ଯୋଡିଣ ଯେ ଅମ୍ବିକା ବୋଇଲା
ସମସ୍ତେ ତ ଦେଖିଲେ ମୋହୋର ସତୀପଣେ ଦିନ ଗଲା । ୧୦ ।
ସତ୍ୟବତୀ ବୋଇଲେ ଗୋ ମୋତେ ନ ବୋଲ ନିକି ୟେହା
ବଂଶ ଜାତ କରିବା ଗୋ ଛାଡ ଧର୍ମରାହା । ୧୧ ।
ଅମ୍ବିକା ବୋଇଲେ ଗୋ କରିବୁ ତୁମ୍ଭର ବୋଲ
ଆମ୍ଭେ ସତ୍ୟବ୍ରତ ଛାଡିବୁ ପୁରୁଷ କାହା କର । ୧୨ ।
ଭୀଷ୍ମଙ୍କୁ ବୋଲ ଯା ଆସନ୍ତୁ ଆମ୍ଭର ଯେ ତହିଂ
ଭୀଷ୍ମରେ ବଂଶ ରକ୍ଷା କରି ଆନରେ କାର୍ଯ୍ୟ ନାହିଂ । ୧୩ ।
ବଧୂଙ୍କର ବଚନେ ଚଳିଲେ ସତ୍ୟବତୀ
ୟେକାନ୍ତେ ବସାଇ କହିଲେ ଭୀଷ୍ମ ମହାରଥୀ । ୧୪ ।
ବାବୁ ତୋହୋର ସତ୍ୟବଚନ ଯେ ନୋହିବାକ ଆନ
ଆରେ ବଂଶ ଯେ ବୁଡାଇଲ କେବଣ ବିଧାନ । ୧୫ ।
ବାବୁ ଅମ୍ବିକା ଅମ୍ବାଳିକା ତୁଲେ କର ତୁ ରମଣ
ପୁତ୍ର ଉପୁଜାଅ ବଂଶ କର ଉଦ୍ଧାରଣ । ୧୬ ।

---------

୭ ଶରୀର ଆଶ୍ୱାସନା କଲେ ମାହେଶ୍ୱରୀ
ବଇକୁଲ୍ୟ ହୋଇଣ ବୋଲନ୍ତି କ୍ରୋଧଭରି ।
୧୧ ସତ୍ୟ ସତ୍ୟ ବ୍ରତ ମୋର ନ ବୋଲ ମାୟେ ୟେହା
ପୁତ୍ର ଜାତ କରିବା ଛାଡ ଶର୍ମ ଦେହା ।

ବଦୟନ୍ତି ଗାଙ୍ଗେବେ ତୁ ଶୁଣ ଅନାଦି ମାହେଶ୍ୱରି

ତୁ ପରମ ଗୁରୁ ତୋହୋର କୋପକଇଁ ଡରି । ୧୭ ।
ମୁଂ ଯେ ଦାରା ସଂଘରିଲି ପିତାର ନିମନ୍ତେ
ସତ୍ୟ କଲାର କୃତ ମୁଂ ଗୋ ଲଙ୍ଘିବି କେମନ୍ତେ । ୧୮ ।
ମାତାର ବଚନ ଯହୁଂ ନ କଲେ ହାଦେ ଭୀଷ୍ମେ
ସତ୍ୟବତୀ ଉଠିଗଲେ ହୋଇଣ ବଡ ବିସ୍ମେ । ୧୯ ।
ଅନେକ ବିଚାରି ତହୁଂ ସତ୍ୟବତୀ ଗଲେ ଉଠି
ଯମୁନା ନଦୀ କୂଳେ ବ୍ୟାସଙ୍କୁ ଯାଇଂ ଭେଟି । ୨୦ ।
ବ୍ୟାସେ ପ୍ରଣପତ୍ୟ ହୋଇଲେ ମାତା ସତ୍ୟବତୀକି
ଭୋ ମାତା ତୁମ୍ଭେ ଗୋ ବିଜେ କରିଥିଲ କାହିଂକି । ୨୧ ।
ବସିଲେ ମାହେଶ୍ୱରୀ ଭାଣ୍ଡୀର ବଟତଳେ
ବେନି ଲୋଚନରୁ ଯେ ବହଇ ଅଶ୍ରୁଜଳେ । ୨୨ ।
ମାଗୋ ଧଇର୍ଯ୍ୟ ହୋଇଣ ଥିର କରି କହ
କେବଣ ସନ୍ଧି ଗୋ ଲାଗିଲା ସନ୍ଦେହ । ୨୩ ।
କ୍ରୋଧ ଶାନ୍ତି କରି କହନ୍ତି ଦାସ ରାଜାର କୁମାରୀ
ବାବୁ ତୁ ମୋହୋର ପୁତ୍ର ପଣ୍ଡିତ ତପୀ ବ୍ରହ୍ମଚାରୀ । ୨୪ ।
ବାବୁ ଚିତ୍ର ବିଚିତ୍ର ବୀର୍ଯ୍ୟ ଅପୁତ୍ରିକ ହୋଇ ମଲେ
ଶାୟେଂତନୁ ନିମନ୍ତେ ଭୀଷ୍ମେ ଦାରା ସଂଘରିଲେ । ୨୫ ।
ତୁମ୍ଭର କାଳକୁ ୟେବେ ନାଶ ଗଲା ସୋମବଂଶ
କେହି ବିଚାର ନ କଲ ୟେଥିର ଅର୍ଥ କିସ । ୨୬ ।
ବାବୁ କେବଣ ବାଗେ ବଂଶ ହୋଇବାକ ରକ୍ଷା
ସଂସାର ଜନଙ୍କର ବାବୁ ତୁ ପୂରାଅ ମନବାଞ୍ଛା । ୨୭ ।
ବାବୁ ଦୁତୀ ନାରାୟଣ ବୋଲି ତୋତେ ବଦନ୍ତି ସୟଳେ
ଅନାଦି ଗର୍ଭେ ତୁ ଯେ ପଶୁ ସର୍ବକାଳେ । ୨୮ ।
-----------

୨୦ ।୨ ଯମୁନା ନଦୀରୁ ବ୍ୟାସେ ଆସୁଣ ତାଙ୍କୁ ଭେଟି
୨୩ ମାଗୋ ଚମତ୍କାର ହୋଇଲା ସ୍ଥିର କରି କହ
କେବଣ ଶୋଚନା ଗୋ କହିବା ସନ୍ଦେହ ।
୧୯ ।୨ ବିସ୍ମେ–ବିସ୍ମୟଭାବରେ ।

ଯାବତ କାଳକୁ ବାବୁ ୟେ କଥା ରହିଲା
ବ୍ୟାସ ପ୍ରାୟେ ମହରଷି ଥାଉଂ ବଂଶ ନାଶଗଲା । ୨୯ ।
ଅନାଦି ପୁରୁଷ ତୁ ଅଣାକାର ଚେତା
ତୁ ତ ନ କଲୁ ବାବୁ ଗୋତ୍ର ବର୍ଗ ଚିନ୍ତା । ୩୦ ।
ବ୍ୟାସ ବୋଇଲେ ମା ଗୋ ଶୁଣ ଆଦିନାରୀ
କେବଣ ବୁଦ୍ଧିରେ ୟେବେ ପାରିବା ଗୋ ବଂଶକୁ ଉଦ୍ଧାରି । ୩୧ ।
ପାଟେଣ ପୁତ୍ର ଯେବେ ହୋଇବ ସନ୍ତତି
ତେବେ ସେ ବଂଶକୁ ହୋଇବ ନା ମହାକ୍ଷତ୍ରୀ । ୩୨ ।
ଯଗଂ୍ୟ କରିବା ଯେବେ ସନ୍ତତି ନିମନ୍ତେ
ସତ୍ୟବତୀ ବୋଇଲେ ହୋଇବ କାଳ କେତେ । ୩୩ ।
ବାବୁ ୟେକା ବଂଶକେ ହତ ଜମ୍ବୋଦୀପ ଆଦିକରି ସାତବଂଶ ପାଟ
ଭୀଷ୍ମଙ୍କର ଭୟେ ସେ ନିବର୍ତ୍ତି ଅଛି ପରଥାଟ । ୩୪ ।
ବାବୁ ୟେହି ଦ୍ୱାଦଶ ଦିବସରେ ଯେବେ ହୋଇବ କୁମର
ତେବେ ସେ ରାଜ୍ୟ ରକ୍ଷା ହୋଇବ ବିଚାରି କାର୍ଯ୍ୟ କର । ୩୫ । ସଂ
କହନ୍ତି ଧାର୍ମିକ ମା ଗୋ କହ କେବଣ ବୁଦ୍ଧି
ଶୀଘ୍ରେଣ କେବଣମତେ ହୋଇବ କାର୍ଯ୍ୟ ସିଦ୍ଧି । ୩୬ ।

ସତ୍ୟବତୀ ବୋଇଲେ ବାବୁ ଅଛିନି କଥାୟେ
ତୁ ମୋହୋର ନନ୍ଦନରେ ମୁଂ ତୋହୋର ମାୟେ । ୩୭ ।
ତୁ ଇହ କୁଳକୁ ବାବୁ ରେ ଉପେକ୍ଷା କର ଲାଜ
ସମସ୍ତ ଧର୍ମ ଛାଡି ଘେନିବା ପୁତ୍ର କାର୍ଯ୍ୟ । ୩୮ ।
କଥାୟେ କହିବି ବାବୁ ଯଦି ନ କରିବୁ ନାସ୍ତି
ମୋହୋର ଶପତଟି ତୋତେ, ବଦନ୍ତି ସତ୍ୟବତୀ । ୩୯ ।
ସେ ଯେ ପରମ ପଣ୍ଡିତ ବଦୟନ୍ତି ମହାତମା
ଗୁରୁ ବଚନ ମେଣ୍ଟି ନାଶ ଗଲା ସନକ ନାମେ ବ୍ରହ୍ମା । ୪୦ ।
ମାତା ପିତା ବଚନ ଯେ ପୁତ୍ରକୁ ନିରାଧାର
ୟେହା ଚିହ୍ନିଲେ ପିଣ୍ଡ ପ୍ରାଣ ୟେକଇ ଶରୀର । ୪୧ ।
----------
୩୧ ।୨ କେବଣ ବିଧିରେ ପାରିବା ଗୋ ସୋମବଂଶ ଉଦ୍ଧାରି ।
୩୯ ।୨ ମୋହୋ ଶପତ ତୁ ନ ବୋଲିବୁ ଅନୀତି ।

ସବ୍ୟେ ଅସବ୍ୟେଣ ଗୁରୁ ବୋଇଲା ଯେବଣ ବାଣୀ
ୟେହା ବଞ୍ଚିଲେ ନାଶ ଗଲାଟି ମତ୍ତପ୍ରାଣୀ । ୪୨ ।
ଯେହେହେଁକ ଆଗ୍ୟାଂ ମୋତେ ଦେବାକ ହୋଉ ବେଗି
ସତ୍ୟବତୀ ପ୍ରତିବାଚ ତୁହି ସେ ମୋହୋର ପରମ ଯୋଗୀ । ୪୩ ।
ବାବୁ ଆମ୍ଭର ବଧୂ ଯେ ଅମ୍ବିକା ଅମ୍ବାଳିକା
ୟେହାଙ୍କର ତୁଲେ ପ୍ରୀତି ହୋଅ ପୁତ୍ର ୟେକା । ୪୪ ।
ରତି ରଙ୍ଗ କର ତୁହି ଦୁହିଙ୍କର ତୁଲେ
ଶୁଣିଣ ବ୍ୟାସେ ଯେ ଥମ୍ଭୀଭୂତ ହୋଇଲେ । ୪୫ ।
ମାଗୋ ୟେ ତ ବଡାଇ ଦୁର୍ଲଭ ୟେ ତ ବଡାଇ ଅନ୍ତର
ଆମ୍ଭର ଲଙ୍ଘିଂଲେ ନାଶ ଗଲାଟି ସଂସାର । ୪୬ ।
ସତ୍ୟବତୀ ବୋଇଲେ ବାବୁ କିଂପା ନ ଭରସୁ
ସଂସାର ଜନଙ୍କର ଅଲୋପ୍ୟ ପାପ ଧଂସୁ । ୪୭ ।
ବିଶେଷେଣ ପରମଦାରା ଆବର ଭ୍ରାଥ ବଧୂ
ପୁତ୍ର ଉତପତ୍ତି ହୋଇଲେ ଯେ ବଂଶ ହୋଇବ ସାଧୁ । ୪୮ ।
ବାବୁ ତୋହୋର ବୀର୍ଯ୍ୟେଣ ଉପୁଜିବ ଯେବଣ ପୁତ୍ର
ଗ୍ୟାନବନ୍ତ ବଳବନ୍ତ ହୋଇବ ହାଦେ ପଣ୍ଡିତ ଭାଗ୍ୟବନ୍ତ । ୪୯ ।
ବାବୁ ଆମ୍ଭର ବଂଶେଣ ଥିବେ ଯେତେକ ପାପୀ
ସମସ୍ତନ୍ତ ମୋକ୍ଷ କରିବ ସେ ପୁତ୍ର ଅଦ୍ୟାପି । ୫୦ ।
ତୁ ୟେ କଥାକୁ ହେଳା ନ କର ରେ ବାବୁ
ବଡବୋହୁ ଅମ୍ବିକା ତହିଂକି ୟେହିକ୍ଷଣି ଯିବୁ । ୫୧ ।
ବ୍ୟାସେ ପ୍ରତିବାଚ ମାତା ଗୋ ମୋହୋର ହୋଇଲା ସନମତ
ତୁମ୍ଭେ ଯାଇଂ ତିୟାର ଗୋ ବଧୂ ଯେ ମାନନ୍ତ । ୫୨ ।
ବ୍ୟାସଙ୍କୁ ସନମତ କରାଇ ଚଳିଲେ ସତ୍ୟବତୀ
ଅମ୍ବିକା ଭୁବନେ ସେ ପ୍ରବେଶ ହୋଇଲେକ ଝାତି । ୫୩-୮୪୧ ।
---------
୪୭ । ସତ୍ୟବତୀ ବୋଇଲେ ବାବୁ କିଂପାଇ ନ ରସୁ
ସଂସାର ଲୋକଙ୍କର ପାପ ଭାରା ଧଂସୁ ।
୫୨ ।୨ ତିୟାର-ବୁଝାଅ ।

**********************